# ମିଳୁନି ବିହନ, ଚାଷୀ ହତାଶ

■ ଚଢ଼ା ଦରରେ ବାହାରୁ ବିହନ କିଣିବାକୁ ଚାଷୀ ଅସମର୍ଥ
■ ଆରମ୍ଭ ହୋଇପାରୁନି ଚାଷକାମ
■ ନିର୍ବାଚନ ଆଳରେ ହୋଇନାହିଁ ଜିଲାସ୍ତରୀୟ କୃଷି ବୈଠକ

ରାୟଗଡ଼ା,୨୧।୫(ଆଶିଷ ରଞ୍ଜନ ପଣ୍ଡା)



ବିହନ ନ ମିଳିବା କାରଣରୁ ପଡ଼ିଆ ପଡ଼ିଛି ଚାଷଜମି।

ରାୟଗଡ଼ା ଜିଲା ଏକ ମାଳ ଅଞ୍ଚଳ ହୋଇଥିବାରୁ ଜୁନ୍ ମାସରୁ ଧାନଚାଷ କାମ ଆରମ୍ଭ ହୋଇଯାଇଥାଏ। ଅକ୍ଷୟତୃତୀୟା ପରେ ବା ଜୁନ୍‌ରେ ବିହନ ତଳି ପଡ଼ିଲେ ଭଲ ଚାଷ ହୋଇଥାଏ ବୋଲି ଚାଷୀ କହିଛନ୍ତି। ହେଲେ ଅଦ୍ୟାବଧି ଚାଷୀଙ୍କୁ ଧାନ ବିହନ ମିଳି ନ ଥିବାରୁ ଚାଷ କାମ ଆରମ୍ଭ କରିପାରୁନାହାନ୍ତି ଚାଷୀ। ଅନ୍ୟପଟେ ନିର୍ବାଚନ ଆଚରଣ ବିଧି ବଳବତ୍ତର ଥିବାରୁ ବିଭାଗୀୟ ବୈଠକ ହୋଇ ନ ଥିବା କୃଷି ବିଭାଗ ପକ୍ଷରୁ କୁହାଯାଉଛି। ତେବେ ନିର୍ବାଚନ ନ ସରିବା ଯାଏଁ ଯଦି ଚାଷୀଙ୍କୁ ବିହନ ନ ମିଳେ ତେବେ ଏଥର ଚାଷକାମ ପଛୁଆ ହେବା ସହ ଅମଳ କମିଯିବ ବୋଲି ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ସରକାରୀସ୍ତରରେ ୫୦ରୁ ୬୦ ପ୍ରତିଶତ ଭାଗ ବିହନ ମିଳିବାକୁ ରହିଥିବା ବେଳେ ଆବଶ୍ୟକ ବିହନ ପାଇପାରୁନାହାନ୍ତି ଚାଷୀ। ଏପରିକି ବାହାରୁ ଚଢ଼ା ଦରରେ ବିହନ କିଣି ଚାଷକାମ ଆରମ୍ଭ କରିବାକୁ ମଧ୍ୟ ଅସମର୍ଥ ପ୍ରକାଶ କରିଛନ୍ତି ଚାଷୀ । ଅନ୍ୟପକ୍ଷରେ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳନର ୧୦ ଦିନ ପରେ ମଧ୍ୟ ବିହନ ଯୋଗାଣ ନେଇ ଫାଇଲ ପ୍ରସ୍ତୁତ କରିନାହିଁ କୃଷି ବିଭାଗ। ନିର୍ବାଚନ ଆଳ ଦେଖାଇ କୃଷି ବିଭାଗର ଅଧିକାରୀମାନେ ବିହନ ଯୋଗାଣ ନେଇ ବୈଠକ କରିନାହାନ୍ତି କିମ୍ବା ସମବାୟ ବିଭାଗ ସହ ଆଲୋଚନା ମଧ ହୋଇନାହିଁ। ସେପଟେ ସବ୍‌ସିଡିରେ ଧାନ ବିହନ ପାଇଁ ଅପେକ୍ଷା କରିଛନ୍ତି ଜିଲାରେ ଥିବା ୧୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ । ତେବେ ଚଳିତ ବର୍ଷ ଭଲ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଚାଷୀ ଖୁସି ହୋଇପଡ଼ିଥିବାବେଳେ ଅନ୍ୟପଟେ ଏ ପର୍ଯ୍ୟନ୍ତ ଧାନ ବିହନ ମିଳି ନ ଥିବାରୁ ଚିନ୍ତାପ୍ରକଟ କରିଛନ୍ତି ହଜାର ହଜାର ଚାଷୀ।

ମିଳିଥିବା ସୂଚନା ଅନୁଯାୟୀ, କୃଷି ବିଭାଗ ପକ୍ଷରୁ କଳାଚମ୍ପା, ବୀଣା, ପୂଜା, ପ୍ରତୀକ୍ଷା, ଏମ୍‌ଟିୟୁ ୧୧୫୩, ଏମ୍‌ଟିୟୁ ୧୧୫୬, ଏମ୍‌ଟିୟୁ ୧୨୬୨, ଏମ୍‌ଟିୟୁ ୧୦୧୦, ଏମ୍‌ଟିୟୁ ୧୦୦୧, ଏମ୍‌ଟିୟୁ ୧୦୭୫, ଏମ୍‌ଟିୟୁ ୧୦୬୪ ଓ ଏମ୍‌ଟିୟୁ ୧୦୬୧ ଧାନ ବିହନ ଯୋଗାଣ ପାଇଁ କୃଷି ବିଭାଗ ବିଚାର କରିଛି। ଓଡ଼ିଶା ରାଜ୍ୟ ବିହନ ନିଗମର ଗୋଦାମରେ ୬ ହଜାର ୬୦୦ କୁଇଣ୍ଟାଲ ବିହନ ପଡ଼ିରହିଛି। ହେଲେ ତାହା ଚାଷୀଙ୍କୁ ବଣ୍ଟନ ନେଇ ନିର୍ଦ୍ଦେଶନାମା ଜାରି ହୋଇନାହିଁ। ନିର୍ଦ୍ଦେଶ ମିଳିଲେ ତାହା ଲ୍ୟାମ୍ପକୁ ହସ୍ତାନ୍ତର ହେବ। ତେବେ କୃଷି ବିଭାଗ ପକ୍ଷରୁ ଅଦ୍ୟାବଧି ବିହନ ଯୋଗାଣ ବ୍ୟବସ୍ଥା କରାଯାଇ ନ ଥିବାରୁ ଚାଷୀମାନେ ସବ୍‌ସିଡି ବିହନ ନ ପାଇ ଖୋଲା ବଜାରରେ କିଣିବା ପାଇଁ ବିଚାର ବିମର୍ଶ ଚଳାଇଛନ୍ତି। ହେଲେ ବିହନ ଦର ରହିଛି ଆକାଶଛୁଆଁ, ଯାହାକି ସାଧାରଣ ଓ ଭାଗଚାଷୀଙ୍କ ପକ୍ଷେ କିଣିବା ଅସମ୍ଭବ। ତେଣୁ ଜିଲା କୃଷି ବିଭାଗ ଗଳାବାଟକୁ ବନ୍ଦକରି କୃଷକଙ୍କୁ ସବ୍‌ସିଡି ବିହନ ଯୋଗାଇବା ଜରୁରୀ ହୋଇପଡିଛି। ନଚେତ୍ ଚାଷୀଙ୍କ ସମସ୍ୟା ବଢ଼ିବ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ ପ୍ରଧାନକୁ ପଚାରିବାରୁ ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ବିହନ ଯୋଗାଣ ବ୍ୟବସ୍ଥା କରାଯାଇଛି। ସମବାୟ ବିଭାଗକୁ ହସ୍ତାନ୍ତର କରାଯିବା ପରେ ଚାଷୀମାନେ ବିହନ ନେଇପାରିବେ। ଅନ୍ୟପଟେ ନିର୍ବାଚନ ଆଚରଣ ବିଧି ବଳବତ୍ତର ରହିଥିବାରୁ ଜିଲାସ୍ତରୀୟ କୃଷି ବୈଠକ ହୋଇପାରି ନାହିଁ। ଫଳରେ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କୃଷି ଅଧିକାରୀ ପ୍ରଧାନ କହିଛନ୍ତି । ତେବେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ବିହନ ଯୋଗାଣ ବ୍ୟବସ୍ଥା କଲେ ଚାଷୀକୁଳ ଉପକୃତ ହେବେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି ।

## ଗଞ୍ଜେଇ ଜବତ, ପୋଲିସ କର୍ମଚାରୀଙ୍କ ସହ ୪ ଗିରଫ



ଗିରଫ ୪ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ।

ରାୟଗଡା,୨୧।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଟାଉନ ଥାନା ପୋଲିସ ମଙ୍ଗଳବାର ରେଳ ଷ୍ଟେଶନ ନିକଟରୁ ୩୬ କେଜି ଗଞ୍ଜେଇ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପୋଲିସ କର୍ମଚାରୀ ଥିବା ଜଣାପଡ଼ିଛି। ୪ ଅଭିଯୁକ୍ତ ଶିବାନ ଶବର (୨୨), ନବଘନ ସାରକା(୩୭), ମନୋଜ ମାଝି(୨୩) ଏବଂ ସୁମନ୍ତ ମାଝି(୨୩)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ପୋଲିସ କର୍ମଚାରୀ ନବଘନ ସାରକାଙ୍କ ଘର ମୁନିଗୁଡା ଥାନା ଅନ୍ତର୍ଗତ ଗଜକୁପୁଲି ଗ୍ରାମରେ ହୋଇଥିବା ବେଳେ ସେ କଟକ ପୋଲିସ ବିଭାଗ ଅଧୀନରେ ଓଏସ୍‌ଏଫ ଚାକିରି କରୁଥିବା ପୋଲିସ ସୂତ୍ରରୁ ଜଣାପଡିଛି।

ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ପୂର୍ବାହ୍ଣ ପ୍ରାୟ ୧୧ଟା ସମୟରେ ୪ଜଣ ରାୟଗଡା ରେଳ ଷ୍ଟେସନ ନିକଟରେ ବୁଲୁଥିଲେ। ସେମାନଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ପଚରାଉଚୁରା କରଥିଲା। ସେମାନଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାକୁ ପୋଲିସ ସେମାନେ ଧରିଥିବା ବ୍ୟାଗ ଯାଞ୍ଚ କରିବା ପରେ ଗଞ୍ଜେଇ ବାହାରିଥିଲା। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରି ରାୟଗଡା ଥାନାକୁ ଆଣିବା ସହିତ ଗଞ୍ଜେଇ ଜବତ କରିଥିଲା। ଥାନାରେ ପଚରାଉଚରା ବେଳେ ରାୟଗଡା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ଅଞ୍ଚଳରୁ ସେମାନେ ଗଞ୍ଜେଇ ଆଣି ଟ୍ରେନ ଯୋଗେ ରାୟପୁର ଯିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି। ରାୟଗଡା ଏସଡ଼ିପିଓ ରଶ୍ମିରଞ୍ଜନ ସେନାପତି ଓ ଆଇଆଇସି କେକେବିକେ କହଁରଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ସଞ୍ଜୟ ଛତର, ବିଘ୍ନେଶ୍ୱର ସାହୁ ଓ ଅନ୍ୟ ପୋଲିସ ଟିମ ସହରରେ ବେଆଇନ ଗଞ୍ଜେଇ ଚାଲାଣ ରୋକିବା ପାଇଁ ନିୟମିତ ଚଢ଼ାଉ ଜାରି ରଖିଥିବା ଆଇଆଇସି କହଁର ସୂଚନା ଦେଇଛନ୍ତି ।

# ମହିଳାଙ୍କ ପାଇଁ ଯୋଗ, ଜୁମ୍ବା କ୍ଲାସ୍



କ୍ଲବ୍‌ର ସଦସ୍ୟଙ୍କ ସହ ଯୋଗ କ୍ଲାସ୍‌ରେ ଉପସ୍ଥିତ ମହିଳାମାନେ।

ମୁନିଗୁଡ଼ା,୨୧।୫ (ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ାର ସ୍ଥାନୀୟ କଳିଙ୍ଗ ବୈଶ୍ୟ ସମାଜ ଗୃହ ପରିସରରେ ରୋଟାରି କ୍ଲବ୍ ଅଫ୍ ରୟାଲ ଓ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ମହିଳାମାନଙ୍କୁ ନେଇ ଏକ ଦିନିଆ ଯୋଗ ଶିବିର ଓ ଜୁମ୍ବା କ୍ଲାସ୍ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସକାଳୁ ଆକ୍ସିସ୍ ବ୍ୟାଙ୍କର ମହିଳା କର୍ମଚାରୀ ମନୀଷା ସୁବୁଦ୍ଧି, ଅଞ୍ଜଳି କୁମାରୀ ମାଗିଲିଙ୍କ ସମେତ ଅନ୍ୟ ମହିଳା ଓ ଯୁବତୀମାନେ ଯୋଗଦେଇ ବିଭିନ୍ନ ଯୋଗାସନ ଅଭ୍ୟାସ କରିବା ସହ ଜୁମ୍ବା କ୍ଲାସ୍ କରିଥିଲେ । ପ୍ରଶିକ୍ଷିକା ଭାବେ ବିଷ୍ଣୁପ୍ରିୟା ସାହୁ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ଦିନରେ ମୁନିଗୁଡା ରୋଟାରି କ୍ଲବ୍ ଅଫ୍ ରୟାଲ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ପର୍ଯ୍ୟାୟ କ୍ରମେ କାର୍ଯ୍ୟକ୍ରମଗୁଡିକୁ ଆୟୋଜନ କରାଯିବ ବୋଲି ରୋଟାରି କ୍ଲବ୍ ଅଫ୍ ରୟାଲର ସଭାପତି ସୁଦାମ ଚରଣ ପଣ୍ଡା ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଆକ୍ସିସ୍ ବ୍ୟାଙ୍କର କର୍ମଚାରୀ ଯୋଗେଶ୍ୱର ଚୌଧୁରୀ, ପି.ଗୌରୀଶଙ୍କର ପାତ୍ର, କେ.ରମେଶ ରାଜୁ, କେ.ଶ୍ରୀନିବାସ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ ।

## ସାଇକେଲ ଚୋର ଗିରଫ

ଜୟପୁର,୨୧।୫ (ପବନ ପାଣିଗ୍ରାହୀ)

ସାଇକେଲ ଚୋରି କରିଥିବା ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଜୟପୁର ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନଟିଆବାଡ଼ ସାହିର ଏସ୍. ଆନନ୍ଦ ଆଲିୟାସ କିଶୋର କୁମାର ପାଟଲା (୫୩)। ସୁନାରି ସାହିରେ ଭଡ଼ା ଘରେ ରହୁଥିବା କେ.ଏମ୍. ଅନିତଙ୍କ ପୁଅଙ୍କ ଏକ ଦାମୀ ସାଇକେଲ ଗତ ୧୮ ତାରିଖରେ ଚୋରି ହୋଇଥିଲା। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାରକରି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର କିଶୋର ଚୋରି ସାଇକେଲକୁ ଉମୁରି ଅଭିମୁଖେ ନେଇ ଯାଉଥିବା ସମୟରେ ପୋଲିସ ଇନ୍ଦିରା ପଣ୍ଡା ଛକ ନିକଟରେ ତାଙ୍କୁ ଧରିଥିଲା। ସାଇକେଲକୁ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମଣିରଞ୍ଜନ ଦଳେଇ କହିଛନ୍ତି।

## ମା’ ଅଗ୍ନି କୁମାରୀ ଠାକୁରାଣୀଙ୍କ ଯାତ୍ରା



ମା’ଙ୍କ ପ୍ରତିମୂର୍ତ୍ତିକୁ ଗ୍ରାମ ପରିକ୍ରମା କରାଯାଉଛି।

ଟିକିରି,୨୧।୫
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଦୋରା ସାହିରେ ମା’ ଅଗ୍ନିକୁମାରୀ ଠାକୁରାଣୀ ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଯାତ୍ରା ୯ ଦିନ ଧରି ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ୫ବର୍ଷରେ ଥରେ ମା’ ଅଗ୍ନିକୁମାରୀ ଠାକୁରାଣୀ ଯାତ୍ରା ପାଳନ କରାଯାଉଥିବାରୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସୋମବାର ଗ୍ରାମର ପୂଜକ ମା’ ଅଗ୍ନିକୁମାରୀ ଠାକୁରାଣୀ ପୀଠରୁ ମା’ଙ୍କୁ ଆହ୍ୱାନକରି ହରିଜନ ବସ୍ତିର ଚେମଲାରେ ଥିବା ଅସ୍ଥାୟୀ ପୀଠରେ ରଖାଯାଇ ପୂଜାର୍ଚ୍ଚନା କରାଯାଉଛି। ୯ ଦିନ ମଧ୍ୟରେ ମା’ଙ୍କ ପ୍ରତିମୂର୍ତ୍ତି ଟିକିରିର ବିଭିନ୍ନ ସାହିରେ ବୁଲିବା ସହ ଭୋଗ ଖାଇଥାନ୍ତି । ଯାତ୍ରା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଉଛି। ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରୁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

## ନାବାଳିକାଙ୍କୁ ନିର୍ଯାତନା, ଯୁବକ ଗିରଫ

ଜୟପୁର,୨୧।୫ (ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ଆଦିବାସୀ ପରମ୍ପରା ଅନୁସାରେ ଉଲଦିଆ ବିବାହ କରି ପରେ ତାଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ଜୟପୁର ମହିଳା ଥାନା ପୋଲିସ ବୈପାରିଗୁଡ଼ା ଥାନା ଅନ୍ତର୍ଗତ ପାଣ୍ଡୁରୁଗୁଡା ଗ୍ରାମର ସୁନୀଲ ହରିଜନଙ୍କୁ ଗିରଫ କରିଛି। ପାଣ୍ଡୁରୁଗୁଡ଼ା ଗ୍ରାମର ସୁନୀଲ ଗତ ୧ ମାସ ତଳେ ଜଣେ ନାବାଳିକାଙ୍କୁ ଉଦଲିଆ ବିବାହ କରି ଘରୁ ନେଇଥିଲେ। ପରେ ସେ ନାବାଳିକାଙ୍କୁ ନିର୍ଯାତନା ଦେଇଥିଲେ। ନିର୍ଯାତନା ଅଧିକ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରଯାଇଛି।

# ଗୁଣିଗାରେଡ଼ି ସନ୍ଦେହରେ ମାଡ଼ ଘଟଣା: ୮ କୋର୍ଟ ଚାଲାଣ

ମାଲକାନଗିରି/ପଡିଆ,୨୧।୫
(ଦୁର୍ଯ୍ୟୋଧନ ପାତ୍ର/ଭାସ୍କର ରାଓ)

ମାଲକାନଗିରି ଜିଲା ଏମ୍‌ଭି ୭୯ ଥାନା ପଡ଼ିଆ ବ୍ଲକ୍ କାଲଧାପଲ୍ଲୀ ପଞ୍ଚାୟତ ତାଙ୍ଗୁଡ଼କୋଣ୍ଡା ଗ୍ରାମରେ ରବିବାର ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ଗାଁ କଙ୍ଗାରୁ କୋର୍ଟରେ ମାଡ଼ ମରାଯିବାରୁ ଗୁରୁତର ହୋଇଥିଲେ। ଯୁବକ ଜଣକ ହେଲେ ଚେନ୍‌ସା ମାଡ଼ି (୩୫)। ଏମ୍‌ଭି-୭୯ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୮୫/୨୪ରେ ମାମଲା ରୁଜୁ କରି ମଙ୍ଗଳବାର ୮ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ଭୀମ ମାଡ଼ି, ଗଙ୍ଗା କରମ, ଦେବ କରମ, ରାମ କରମ, ବୋଜ ମାଡ଼ି, ବୁଚା କରମା, ବେଟି ରାମ ଓ ଚିନା ମାଡ଼ି ।

ପ୍ରକାଶ ଯେ, କିଛିଦିନ ପୂର୍ବେ ଗ୍ରାମବାସୀଙ୍କୁ ସ୍ୱପ୍ନ ହୋଇଥିଲା ଯେ, ଚେନ୍‌ସା ଗୁଣିଗାରେଡ଼ି କରୁଛନ୍ତି। ଏହାକୁ ନେଇ ଗ୍ରାମରେ କଙ୍ଗାରୁ କୋର୍ଟ ବସିଥିଲା। ସେଠାରେ ତାଙ୍କୁ ମାଡ଼ ମରାଯିବା ସହ ବେକରେ ରଶି ଲଗାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଇଥିଲା। ପରେ ତାଙ୍କୁ ଗ୍ରାମର କେତେଜଣ ଯୁବକ ନିକଟସ୍ଥ ନଦୀକୂଳକୁ ନେଇ ନିସ୍ତୁକ ମାଡ଼ ମାରି ଗୁରୁତର ଅବସ୍ଥାରେ ଘରେ ଆଣି ପକାଇଦେଇଥିଲେ। ଯଦି ଥାନା କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବ, ତେବେ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବେ ବୋଲି ଚେତାବନୀ ଦେଇଥିଲେ। ଗୁଣିଗାରେଡ଼ି ସନ୍ଦେହରେ ଗ୍ରାମର କେତେଜଣ ଯୁବକ ନିସ୍ତୁକ ମାଡ଼ ମାରିଥିବା ଖବର ଏମ୍‌ଭି ୭୯ ପୋଲିସ ଜାଣିପାରି ଗ୍ରାମରେ ପହଞ୍ଚି ଯୁବକଙ୍କୁ ଉଦ୍ଧାରକରି ଚିକିତ୍ସା କରିଥିଲା।

# ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

ମୁନିଗୁଡ଼ା,୨୧।୫ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡାର ବଗିଚା ସାହିରେ ୩୧ତମ ଷୋହଳ ପ୍ରହରୀ ନାମଯଜ୍ଞ ପାଇଁ ମଙ୍ଗଳବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୁରହିତ ନାରାୟଣ ମିଶ୍ର ଓ ନିକୁଞ୍ଜ ଶତପଥୀଙ୍କ ମିଳିତ ପୌରାହିତ୍ୟରେ ସ୍ଥାନୀୟ ମୁନିଖୋଲ ନଦୀରେ ଗଙ୍ଗା ଆବାହନ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସାହିର ଶତାଧିକ ମହିଳା ନଦୀରୁ ପାଣି ଆଣି କଳସ ଯାତ୍ରାରେ ବାହାରି ସହର ପରିକ୍ରମା କରି ମଣ୍ଡପଠାରେ ପହଞ୍ଚିଥିଲେ । ସେଠାରେ ମଣ୍ଡପ ସୁଦ୍ଧି ପୂଜା ସହ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥିଲା। ଆସନ୍ତା ୨୪ ତାରିଖରେ ନାମଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ଜଣାପଡିଛି । ଉକ୍ତ ନାମଯଜ୍ଞରେ ମୁନିଗୁଡାର ବଗିଚା ସାହି ସମେତ ରାୟଗଡ଼ା ଜିଲାର ପେଡିଗୁଡା, ମେରିଙ୍ଗି, କଳାହାଣ୍ଡି ଜିଲାର ବୁଡିପଦର, ରଘୁନାଥପୁର, ବଲାଙ୍ଗୀର ଜିଲା ମଖାପାଲି ଓ ବରଗଡ଼ ଜିଲା ଗୌଡ଼ମାଲରୁ ସଂକୀର୍ତ୍ତନ ଦଳ ଭାଗ ନେଇଛନ୍ତି। ପୂର୍ଣ୍ଣାହୁତି ଦିନ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ତରଫରୁ ଜଣାପଡିଛି । ଉକ୍ତ କଳସ ଯାତ୍ରା ଓ ନାମଯଜ୍ଞକୁ ବଗିଚା ସାହିର ସମସ୍ତ କମିଟି ସଦସ୍ୟ ଓ ଯୁବ ଗୋଷ୍ଠୀ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରୁଛନ୍ତି ।




ମହିଳାମାନେ କଳଶ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ରକ୍ତଭଣ୍ଡାରରେ ମିଳୁନି ରକ୍ତ, ରୋଗୀ ହଇରାଣ

■ ଗ୍ରୀଷ୍ମ ପ୍ରବାହ ପାଇଁ ବନ୍ଦ ରହିଛି ରକ୍ତଦାନ ଶିବିର
■ ଚିନ୍ତାରେ ସିକିଲସେଲ୍, ଥାଲାସେମିଆ ରୋଗୀଙ୍କ ସମ୍ପର୍କୀୟ

ରାୟଗଡ଼ା,୨୧।୫(ଭାଗ୍ୟଶ୍ରୀ ମିଶ୍ର)




ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତଭଣ୍ଡାରରେ ରକ୍ତ ଅଭାବ ଲାଗି ରହିଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସଂଖ୍ୟା ଅଧିକ ରହୁଥିବା ବେଳେ ସେହି ଅନୁପାତରେ ରକ୍ତଭଣ୍ଡାରରେ ରକ୍ତ ଗଚ୍ଛିତ ରହୁ ନ ଥିବାରୁ ଉଚିତ ସମୟରେ ରୋଗୀଙ୍କୁ ରକ୍ତ ମିଳୁ ନ ଥିବା ଅଭିଯୋଗ ହେଉଛି। ପ୍ରତିଦିନ ବହୁ ରୋଗୀ ଜିଲାର ବିଭିନ୍ନ ବ୍ଲକ୍‌ରୁ ମୁଖ୍ୟ ଚିକିତ୍ସାଳୟକୁ ରେଫର ହୋଇ ଆସୁଥିବାବେଳେ ରକ୍ତ ନ ମିଳିବା ପ୍ରମୁଖ ସମସ୍ୟା ପାଲଟିଛି। ବିଶେଷକରି ଥାଲାସେମିଆ, ସିକିଲସେଲ୍, ପ୍ରସୂତି, ରକ୍ତହୀନତା ଏବଂ ଅନ୍ୟ ଗୁରୁତର ରୋଗୀଙ୍କୁ ଆବଶ୍ୟକ ରକ୍ତ ମିଳୁ ନ ଥିବାରୁ ସମ୍ପର୍କୀୟମାନେ ନିଜସ୍ୱ ଉଦ୍ୟମରେ ରକ୍ତ ସଂଗ୍ରହକରି ରୋଗୀଙ୍କୁ ଦେଉଥିବା ଦେଖିବାକୁ ମିଳୁଛି। ଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ରାୟଗଡ଼ା ରକ୍ତଭଣ୍ଡାରରେ ୫୦ ରୁ ୬୦ ୟୁନିଟ୍ ରକ୍ତ ଗଚ୍ଛିତ ରହୁଛି। ରାୟଗଡ଼ାରେ ହାତଗଣତି ୨ରୁ ୩ ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ରକ୍ତଦାନ ପାଇଁ ଶିବିର ଆୟୋଜନ କରିଥାନ୍ତି । ହେଲେ ନିର୍ବାଚନ ଏବଂ ଗ୍ରୀଷ୍ମ ପ୍ରବାହ ପାଇଁ ତାହା ବି ବନ୍ଦ ରହିଥିବା ଜଣାପଡିଛି । ଯୁବଗୋଷ୍ଠୀ ନିର୍ବାଚନରେ ବ୍ୟସ୍ତ ରହିଥିବା ଯୋଗୁ କୌଣସି ଶିବିର ଅନୁଷ୍ଠିତ ହୋଇନାହିଁ ବୋଲି ରକ୍ତଭଣ୍ଡାରର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି।

ରକ୍ତଭଣ୍ଡାରରୁ ମିଳିଥିବା ତଥ୍ୟ ଅନୁଯାୟୀ, ପ୍ରତ୍ୟେକ ମାସରେ ପ୍ରାୟ ୪୦୦ ପ୍ୟାକେଟରୁ ଊର୍ଦ୍ଧ୍ୱ ରକ୍ତ ଦରକାର ଥିବାବେଳେ ଆଦାୟ ହେଉଛି କେବଳ ୫୦ ରୁ ୬୦ ପ୍ୟାକେଟ୍। ଫଳରେ ରୋଗୀଙ୍କୁ ଉଚିତ ସମୟରେ ରକ୍ତ ମିଳୁ ନ ଥିବାରୁ ରୋଗୀଙ୍କ ପରିବାର ଲୋକେ ବାଧହୋଇ ନିଜର ସମ୍ପର୍କୀୟଙ୍କୁ କହି ନିଜର କେହି ଅନ୍ୟ ବ୍ଲଡ୍ ଗ୍ରୁପ୍ ରକ୍ତ ଅଦଳବଦଳ କଲେ କେଉଁଠୁ ବ୍ୟବସ୍ଥା କରାଯାଉଛି । ତାହା ପୁଣି ଆବଶ୍ୟକ ରକ୍ତ ମିଳିପାରୁ ନ ଥିବା କହିଛନ୍ତି ଜଣେ ରୋଗୀଙ୍କ ସମ୍ପର୍କୀୟ । ହେମନ୍ତ ମାଝି (୮) ନାମକ ଜଣେ ଶିଶୁ ଜ୍ୱରରେ ପୀଡିତ ହୋଇ ମେଡିକାଲ ଆସିବା ପରେ ଡାକ୍ତର ଶିଶୁ ଦେହରେ ରକ୍ତ ନାହିଁ, ଏବି ପଜିଟିଭ ରକ୍ତ ଦେବାକୁ କହିଥିଲେ । ହେଲେ ରକ୍ତଭଣ୍ଡାରରେ ରକ୍ତ ନ ଥିବା କହି କର୍ମଚାରୀ ସେମାନଙ୍କୁ ଫେରାଇଦେଇଥିଲେ। ଅନ୍ୟପକ୍ଷରେ ରକ୍ତ କିଣିବା ପାଇଁ ମଧ ବ୍ୟବସ୍ଥା ନ ଥିବାରୁ ପରିବାର ଲୋକେ ତାଙ୍କ ସମ୍ପର୍କୀୟଙ୍କ ରକ୍ତ ଅଦଳ ବଦଳ କରିବେ ବୋଲି କହିବାରୁ ୧ ପ୍ୟାକେଟ ରକ୍ତ ମିଳିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି। ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖାଦ୍ୟାଭାବ, ଅନାହାରରେ ଜୀବନ ବିତାଉଥିବା ଅଧିବାସୀମାନେ ଅନେକ ସମୟରେ ରକ୍ତହୀନତାର ଶିକାର ହୋଇଥାନ୍ତି। ହେଲେ ମାଗଣା ରକ୍ତ ପାଇବାର ବ୍ୟବସ୍ଥା ଥିବାବେଳେ ରକ୍ତଭଣ୍ଡାରରେ ରକ୍ତ ଅଭାବକୁ ନେଇ ବୁଦ୍ଧିଜୀବୀ ଚିନ୍ତାବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁବେଳେ ରକ୍ତଦାନ ଶିବିର ଆୟୋଜନ କରାଯାଇଥାଏ। ବର୍ତ୍ତମାନ ନିର୍ବାଚନ ପାଇଁ ରକ୍ତଦାନ ଶିବିର ବନ୍ଦ ରହିଛି। ତେଣୁ ଅନେକ ସମୟରେ ରୋଗୀଙ୍କ ଆବଶ୍ୟକ ମୁତାବକ ରକ୍ତ ଯୋଗାଇପାରୁନାହୁଁ । ତଥାପି ଗୁରୁତର ରୋଗୀ ଯେପରି ଠିକ୍ ସମୟରେ ରକ୍ତ ପାଇବେ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଏ ନେଇ ନୂତନ ଯୁବଗୋଷ୍ଠୀ ଏବଂ ବିଭିନ୍ନ ନୂତନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ନେଇ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ କହିଛନ୍ତି ।

# ଜରାଜୀର୍ଣ୍ଣ ଅବସ୍ଥାରେ ପାର୍କ

ସୁନାବେଡ଼ା, ୨୧ା୫(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ପୌର ପରିଷଦ ଅଧୀନରେ ଥିବା ହାଲ୍ ଟାଉନଶିପ୍ ୧୪ ନଂ. ୱାର୍ଡ ଡି ଜୋନ୍‌ରେ ଥିବା ଆମ୍ବେଡକର ପାର୍କ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ୧୯୬୮ରେ ନିର୍ମିତ ଏହି ସର୍ବ ପୁରାତନ ପାର୍କର ୨୦୧୧ରେ ନବୀକରଣ କରାଯାଇ ଏହାକୁ ଆମ୍ବେଡକରଙ୍କ ନାମରେ ନାମିତକରି ପୁଣି ଥରେ ଉଦ୍‌ଘାଟନ କରାଯାଇଥିଲା। ମାତ୍ର ଏବେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ଅବସ୍ଥା ସମ୍ପୂର୍ଣ୍ଣ ନଷ୍ଟହେବାକୁ ବସିଲାଣି। ପିଲାଙ୍କ ଖେଳକୁଦ ପାଇଁ ନିର୍ମାଣ ହୋଇଥିବା ସମସ୍ତ ଉପକରଣ ଓ ରହିଥିବା ଚେୟାରଗୁଡ଼ିକ ଭାଙ୍ଗିରୁଜିଗଲାଣି। ପାର୍କରେ ଅନାବନା ଘାସ ଓ ଗଛରେ ଭରି ରହିଛି। ପାର୍କର



ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ଭାରତ ମାନଚିତ୍ର ଆକୃତିର ଜଳାଶୟ ପାଣି ବଦଳରେ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ପାର୍କ ଚାରିପାଖ ଆବଦ୍ଧ ତାରବାଡ ଭାଙ୍ଗିଯାଇଥିବାରୁ ଗୋରୁ ଅବାଧରେ ପାର୍କ ଭିତରେ ଚରାବୁଲା କରୁଛନ୍ତି। ଶୀଘ୍ର ଏହାର ପୁନରୁଦ୍ଧାର କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଟାଉନଶିପ୍ ମଧ୍ୟରେ ପୌର ପରିଷଦର ୮ଟି ୱାର୍ଡ ରହିଛି। ସେଗୁଡ଼ିକରେ ବିକାଶମୂଳକ କାର୍ଯ୍ୟ ପାଇଁ ହାଲ୍ ପ୍ରଶାସନ ପୌର ପ୍ରଶାସନକୁ ସୁଯୋଗ ଦେଉ ନ ଥିବା ବହୁବାର ପୌରାଧ୍ୟକ୍ଷ ଅଭିଯୋଗ କରିଛନ୍ତି। ଏଥିପ୍ରତି ଯଥା ଶୀଘ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

- ୧୯୬୮ରେ ନିର୍ମିତ ପାର୍କ ୨୦୧୧ରେ ନବୀକରଣ ହୋଇଥିଲା
- ଜଳାଶୟରେ ଗଦାହୋଇ ରହିଛି ଅଳିଆ, ଆବର୍ଜନା
- ପାର୍କରେ ଅବାଧରେ ଚରୁଛନ୍ତି ଗୋରୁ

## ନବ ବିବାହିତା ମହିଳାଙ୍କ ଆତ୍ମହତ୍ୟା ମାମଲା, ସ୍ୱାମୀ ଗିରଫ

ଜୟପୁର, ୨୧ା୫ (ପବନ ପାଣିଗ୍ରାହୀ)



ଜଣେ ନବ ବିବାହିତା ମହିଳା ବିଷ ପିଇ ଆତ୍ମହତ୍ୟା କରିବାକୁ ନେଇ ରୁଜୁ ମାମଲାରେ ତାଙ୍କ ସ୍ୱାମୀଙ୍କୁ ଜୟପୁର ସଦର ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଢେପଗୁଡ଼ାର ବୁଦ୍ଧୁରା ରଣା (୨୪)। ପୋଲିସ ସୂଚନା ଅନୁଯାୟୀ ବୁଦ୍ଧୁରା ସୁଲତା ପରଜା(୧୯)ଙ୍କୁ ଗତ ବର୍ଷେ ତଳେ ପ୍ରେମ ବିବାହ କରିଥିଲେ। ପରେ ସୁଲତାଙ୍କ ଉପରେ ପାରିବାରିକ ନିର୍ଯାତନା ଆରମ୍ଭ ହୋଇଥିଲା। ଏହା ବଢ଼ି ଚାଲିବାରୁ ଯନ୍ତ୍ରଣା ସହି ନ ପାରି ସୁଲତା ଗତ ୧୮ ତାରଖରେ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସୁଲତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ସୁଲତାଙ୍କ ପରିବାର ପକ୍ଷରୁ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ସ୍ୱାମୀ ଓ ପରିବାର ଲୋକଙ୍କ ନିର୍ଯାତନା ସହି ନ ପାରି ତାଙ୍କ ଝିଅ ଆତ୍ମହତ୍ୟା କରିଛି ବୋଲି ପ୍ରଦତ୍ତ ଏତଲାରେ ଉଲ୍ଲେଖ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ସ୍ୱାମୀ ବୁଦ୍ଧୁରା ଅଭିଯୁକ୍ତ ବୋଲି ଜଣାପଡିବା ପରେ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

**ସଂକ୍ଷେପରେ**

### ସାଇକେଲ ଚୋର ଗିରଫ



ଜୟପୁର, ୨୧ା୫ (ପବନ ପାଣିଗ୍ରାହୀ)

ସାଇକେଲ ଚୋରି କରିଥିବା ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଜୟପୁର ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନଡ଼ିଆବାଡ଼ ସାହିର ଏସ୍ ଆନନ୍ଦ ଆଲିୟାସ କିଶୋର କୁମାର ପାଟଲା (୫୩)। ସୁନାରି ସାହିରେ ଭଡ଼ା ଘରେ ରହୁଥିବା କେ.ଏମ୍. ଅନିତଙ୍କ ପୁଅଙ୍କ ଏକ ଦାମୀ ସାଇକେଲ ଗତ ୧୮ ତାରିଖରେ ଚୋରି ହୋଇଥିଲା। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାରକରି ପୋଲିସ ମାମଲା ରୁଜୁକରିତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର କିଶୋର ଚୋରି ସାଇକେଲକୁ ଉମୁରି ଅଭିମୁଖେ ନେଇ ଯାଉଥିବା ସମୟରେ ପୋଲିସ ଇନ୍ଦିରା ପଣ୍ଡା ଛକ ନିକଟରେ ତାଙ୍କୁ ଧରିଥିଲା। ସାଇକେଲକୁ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମଣିରଞ୍ଜନ ଦଲେଇ କହିଛନ୍ତି।

### ନାବାଳିକାଙ୍କୁ ନିର୍ଯାତନା, ଯୁବକ ଗିରଫ

ଜୟପୁର, ୨୧ା୫ (ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ଆଦିବାସୀ ପରମ୍ପରା ଅନୁସାରେ ଉଲଦିଆ ବିବାହ କରି ପରେ ତାଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ଜୟପୁର ମହିଳା ଥାନା ପୋଲିସ ବୈପାରିଗୁଡ଼ା ଥାନା ଅନ୍ତର୍ଗତ ପାଣ୍ଡୁରୁଗୁଡା ଗ୍ରାମର ସୁନୀଲ ହରିଜନଙ୍କୁ ମଙ୍ଗଳବାର ଗିରଫ କରିଛି। ପାଣ୍ଡୁରୁଗୁଡ଼ା ଗ୍ରାମର ସୁନୀଲ ଗତ ୧ ମାସ ତଳେ ଜଣେ ନାବାଳିକାଙ୍କୁ ଉଦଲିଆ ବିବାହ କରି ଘରୁ ନେଇଥିଲେ। ପରେ ସେ ନାବାଳିକାଙ୍କୁ ନିର୍ଯାତନା ଦେଇଥିଲେ। ନିର୍ଯାତନା ଅଧିକ ହେବାରୁ ନାବାଳିକା ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିତା କୁଜୁରୁ କହିଛନ୍ତି।

## ଲୁଗା ବ୍ୟବସାୟୀଙ୍କଠାରୁ ଲୁଟ୍ ମାମଲାରେ ୩ ଗିରଫ

ବୈପାରିଗୁଡ଼ା, ୨୧ା୫(କଳ୍ପତରୁ ମହାନ୍ତି)

ଜୟପୁର ଅଞ୍ଚଳର ଜଣେ ଲୁଗା ବ୍ୟବସାୟୀ ମାଥିଲିରୁ ବ୍ୟବସାୟ ସାରି ଗତ ୧୭ ତାରିଖରେ ଜୟପୁର ଫେରୁଥିବା ବେଳେ ତାଙ୍କୁ ଆକ୍ରମଣକରି ଲକ୍ଷାଧିକ ଟଙ୍କା ଲୁଟିନେବା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଜୟନଗର ବାସିନ୍ଦା ବାବୁଲା ବାଘ, ସୁରେଶ ହରିଜନ ଓ ନନ୍ଦପୁର ଥାନା ଅନ୍ତର୍ଗତ ନନ୍ଦପୁରର ଆଲୋକ ପାଙ୍ଗୀ। ସେମାନଙ୍କଠାରୁ ପୋଲିସ ୨୨ ହଜାର ୮ ଶହ ଟଙ୍କା, ୪ ଟି ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଏବଂ କଳାରଙ୍ଗର ଫେସ୍ ମାସ୍କ ଜବତ କରିଛି। ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଜୟପୁର ସହରର ଲୁଗା ବ୍ୟବସାୟୀ ଏ. ସତ୍ୟନାରାୟଣ ଗୁପ୍ତା ଜଣେ ହୋଲ୍‌ସେଲ୍ ଲୁଗା ବ୍ୟବସାୟୀ। ସେ ସାପ୍ତାହିକ ହାଟଗୁଡ଼ିକରେ ଲୁଗା ବ୍ୟବସାୟୀମାନଙ୍କୁ ଲୁଗା ଯୋଗାଇଥାନ୍ତି। ଘଟଣା ଦିନ ମାଲକାନଗିରି ଜିଲା ଅନ୍ତର୍ଗତ ମାଥିଲି ସାପ୍ତାହିକ ହାଟ ଓ ବୈପାରିଗୁଡ଼ାରେ ସାପ୍ତାହିକ ହାଟ ଥିଲା। ସତ୍ୟନାରାୟଣ ମାଥିଲି ବ୍ୟବସାୟୀଙ୍କୁ ଲୁଗା ଯୋଗାଇ ବୈପାରିଗୁଡ଼ା ହାଟକୁ ଫେରିବା ବେଳେ ୬ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ବୈପାରିଗୁଡ଼ା ହାଟକୁ ଯାଇଥିଲେ। ସତ୍ୟନାରାୟଣ ସେଠାରୁ ଫେରିବା ବେଳେ ବୈପାରିଗୁଡ଼ା–ଜୟପୁର ରାସ୍ତାର ମହୁଲି ଶିବମନ୍ଦିର ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଆକ୍ରମଣକରି ତାଙ୍କଠାରୁ ୧ ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ସତ୍ୟନାରାୟଣ ବୈପାରିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ହାଟ ଓ ଅନ୍ୟ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାରକରି ତଦନ୍ତ ଚଳାଇ ୩ ଅଭିଯୁକ୍ତଙ୍କୁ ଧରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି। କେସ୍ ନଂ. ୧୩୪/୨୪।



ଗିରଫ ୩ ଅଭିଯୁକ୍ତ।

## ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ

କୋରାପୁଟ, ୨୧ା୫(ଅମିତାଭ ବେହେରା)

କୋରାପୁଟଠାରେ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଶିଶୁ ଉଦ୍ୟାନଠାରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ରୂପକ ତୁରୁକ, ରମେଶ ଖରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ।

## ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨୧ା୫(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ନୀଳାଗୁଡା ଜଙ୍ଗଲରେ ମଙ୍ଗଳବାର ଅବକାରୀ ଚଢାଉ ହୋଇଛି। ମଦ ବ୍ୟବସାୟୀମାନେ ମଦ ଲୁଚାଇ ରଖିବା ସହ ଚୋରାରେ ମହୁଲି ମଦ ପ୍ରସ୍ତୁତ କରୁଥିବା ସୂଚନା ପାଇ ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ କର୍ମଚାରୀ ଚଢାଉ କରିଥିଲେ। ଏ ସମ୍ପର୍କରେ ଖବର ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ୧୬ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। କର୍ମଚାରୀମାନେ ବହୁ ମଦ ଭାଟି ଭାଙ୍ଗି ମଦରନ୍ଧା ସରଞ୍ଜାମ ଡ୍ରମ ଆଦି ଜବତ କରି ଫେରିଥିବା ନିରୀକ୍ଷକ ଶଶିକାନ୍ତ ଦତ୍ତ କହିଛନ୍ତି।

## କୋରାପୁଟରେ କୃଷକ ଉତ୍ପାଦକ ସଙ୍ଗଠନର ବୈଠକ




ବୈଠକରେ ଉପସ୍ଥିତ ନାବାର୍ଡ ଅଧିକାରୀ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

କୋରାପୁଟ, ୨୧ା୫(ଅମିତାଭ ବେହେରା)

କୋରାପୁଟ ନାବାର୍ଡ ଓ ପ୍ରଗତିର ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହୋଇଆସୁଥିବା 'କୃଷକ ଉତ୍ପାଦକ ସଙ୍ଗଠନର ପ୍ରୋତ୍ସାହନ ଯୋଜନା' ପ୍ରକଳ୍ପ ଅଧୀନରେ ରହିଥିବା ଯୋଜନାର ପ୍ରସ୍ତୁତି ଓ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ନାବାର୍ଡର ଜିଲା ବିକାଶ ପରିଚାଳକ ଦେବେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପ୍ରଗତି କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଲୁନା ପଣ୍ଡା, ଜୈବିକ ଶ୍ରୀ ଏଫପିସି ସିଇଓ ମୁରଲୀଧର ଅଧିକାରୀ, ଟିମ ଲିଡର ସୁରେନ୍ଦ୍ର ମନ୍ତ୍ରି, ବୋର୍ଡ ମେମ୍ବର, ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀର ସିଇଓ ଦୁର୍ଗା ଚରଣ ପଣ୍ଡା, ନଗେଶ୍ୱରୀ କୃଷକ ଉତ୍ପାଦକ କମ୍ପାନୀ ସିଇଓ ଅକ୍ଷୟ ମେହେର, ବିଭୁ ପ୍ରସାଦ ମହାପାତ୍ର, ଦେଓମାଳୀ କୃଷକ ଉତ୍ପାଦକ କମ୍ପାନୀ ସିଇଓ ସୁଜିତ କୁମାର ମାଝୀ ଏବଂ କାର୍ଯ୍ୟନିର୍ବାହୀ ସାମୁଏଲ ମାଝୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ନାବାର୍ଡର ପରିଚାଳକ ଦେବେନ୍ଦ୍ର ପ୍ରଧାନ ଉପସ୍ଥିତ ସଦସ୍ୟମାନଙ୍କ ସହ ନାବାର୍ଡ ଏବଂ ଉଦ୍ୟାନ ବିଭାଗ ପକ୍ଷରୁ ସହଯୋଗ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି କମ୍ପାନୀଗୁଡ଼ିକର ସମସ୍ୟା ଓ ସମାଧାନ ଉପରେ ମତ ରଖିଥିଲେ। ବୈଠକରେ ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଅଦା, ନଗେଶ୍ୱରୀ କୃଷକ ଉତ୍ପାଦକ କମ୍ପାନୀ ହଳଦୀ, ମାଣ୍ଡିଆ ଓ ପାରମ୍ପରିକ ଧାନ, ଦେଓମାଳୀ କୃଷକ ଉତ୍ପାଦକ କମ୍ପାନୀ ଅଦା, ଆଳୁ, ମାଣ୍ଡିଆ, ଚିତ୍ରିଦୋରା କୃଷକ ଉତ୍ପାଦକ କମ୍ପାନୀ କଳାଜିରା ଧାନ ସହ ଅନ୍ୟାନ୍ୟ ପାରମ୍ପରିକ ଧାନ, ମା' ନିଶାନିମୁଣ୍ଡା କୃଷକ ଉତ୍ପାଦକ କମ୍ପାନୀ ମକା, ଅଳସୀ ଓ ଧାନ ବ୍ୟବସାୟ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।

## ରାଷ୍ଟ୍ରୀୟ ଆତଙ୍କବାଦ ନିରୋଧୀ ଦିବସ ପାଳିତ

ମାଲକାନଗିରି, ୨୧ା୫(ଦୁର୍ଯ୍ୟୋଧନ ପାତ୍ର)

ସୁକ୍‌ମା ଜିଲା ଶବ୍ରିନଗର କାର୍ଯ୍ୟାଳୟରେ ଯବାନମାନଙ୍କ ପକ୍ଷରୁ ରାଷ୍ଟ୍ରୀୟ ଆତଙ୍କବାଦ ନିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଆତଙ୍କବାଦୀମାନେ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରିଥିଲେ। ତେବେ ଏହି ଦିବସକୁ ରାଷ୍ଟ୍ରୀୟ ଆତଙ୍କବାଦ ନିରୋଧୀ ଦିବସ ପାଳିତ ହେବା ସହ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଉତ୍ସବରେ ଆତଙ୍କବାଦୀ ନିରୋଧ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ରିତିକାନ୍ତ ବେହେରା, ପବନ କୁମାର, ଟି.ସେମସନ ରାଜୁଙ୍କ ସହ ଅନେକ ଯବାନ ଶପଥ ନେଇଥିଲେ।



ଆତଙ୍କବାଦ ନିରୋଧ ଉପରେ ଯବାନମାନେ ଶପଥ ନେଉଛନ୍ତି।

## ୩ ବର୍ଷ ପରେ ୧୧,୭୩୮ ହିତାଧିକାରୀ ପାଇଲେ ପ୍ରାପ୍ୟ

ମାଲକାନଗିରି, ୨୧ା୫(ଦୁର୍ଯ୍ୟୋଧନ ପାତ୍ର)

**ସୂଚନା ଅଧିକାର ଆଇନ ବଳରେ ମିଳିଲା ନ୍ୟାୟ**

କରୋନା ସମୟରେ ୧।୪।୨୧ ରୁ ୩୦।୬।୨୧ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରିଥିବା ଶ୍ରମିକମାନଙ୍କୁ ଦୈନିକ ୫୦ ଟଙ୍କା ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ଉକ୍ତ ପ୍ରୋତ୍ସାହନ ରାଶି ପଇଠ ସମ୍ପର୍କରେ ଅନିୟମିତତା ଖବର ପାଇ ସୂଚନା ଅଧିକାର ପ୍ରବକ୍ତା ତଥା ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ୧୬ ଜୁଲାଇ ୨୦୨୨ ଓ ୭ ଡିସେମ୍ବର ୨୦୨୨ରେ ଜିଲା ପରିଷଦ ମାଲକାନଗିରିକୁ ଏ ସମ୍ପର୍କରେ ସୂଚନା ଦେବା ନିମନ୍ତେ ଆବେଦନ କରିଥିଲେ। ଏ ସମ୍ପର୍କରେ ଜିଲା ପରିଷଦର ସମସ୍ତ ୭ ବ୍ଲକ୍‌କୁ ତଥ୍ୟ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୌଣସି ବ୍ଲକ୍ ତଥ୍ୟ ନ ଦେବାରୁ ପଟ୍ଟନାୟକ ଅପିଲ ଫାଇଲ କରିଥିଲେ। ଅପିଲ ନ ଶୁଣିବାରୁ ସମସ୍ତ ବ୍ଲକ୍ ବିରୋଧରେ ସେ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗର ଶୁଣାଣି ନିମନ୍ତେ ୨୫ ଏପ୍ରିଲ ୨୦୨୪ରେ ଧାର୍ଯ୍ୟକରି ସମସ୍ତ ବ୍ଲକ୍‌କୁ ଏ ସମ୍ପର୍କରେ ତଥ୍ୟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କୋରୁକୋଣ୍ଡା ବ୍ଲକ୍ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ସେଥିରେ ଆଇନଜୀବୀ ପଟ୍ଟନାୟକ ଅସନ୍ତୋଷ ପ୍ରକାଶକରି ସୂଚନା କମିଶନ ଓ ବିଡିଓଙ୍କୁ ଜଣାଇବା ପରେ ୧୧,୭୩୮ ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଇ ନ ଥିବା କଥା ସ୍ୱୀକାରକରି ମଙ୍ଗଳବାର ୧୧,୭୩୮ ଶ୍ରମିକଙ୍କ ୧ କୋଟି ୯ ଲକ୍ଷ ୪୨ ହଜାର ଟଙ୍କା ପ୍ରଦାନ ନିମନ୍ତେ ମାଲକାନଗିରି ଷ୍ଟେଟ୍‌ବ୍ୟାଙ୍କକୁ ତାଙ୍କ ଚିଠି ନମ୍ବର ୧୨୨୧/୨୪, ୨୧।୫।୨୪ରେ ଅଗ୍ରିମ ପଠାଇଛନ୍ତି।

ଏ ସମ୍ପର୍କରେ ଅଦ୍ୟାବଧି ୨/୩ ଟି ବ୍ଲକ୍ ସମ୍ପୂର୍ଣ୍ଣ ତଥ୍ୟ ଦେଇନାହାନ୍ତି କିମ୍ବା ଅନ୍ୟ ବ୍ଲକ୍ କୌଣସି ତଥ୍ୟ ନେଇନାହାନ୍ତି। ଏହି ପ୍ରୋତ୍ସାହନ ରାଶି ପ୍ରଦାନରେ ବହୁ ଜାଲିଆତି ହେବା ଆଶଙ୍କା ରହିଛି। ସମ୍ପୂର୍ଣ୍ଣ ତଥ୍ୟ ପାଇବା ପରେ ଜିଲାପାଳଙ୍କୁ ଅବଗତ କରାଇ ଏକ ନିରପେକ୍ଷ ତଦନ୍ତ ସହ ୩ ବର୍ଷ ପରେ ପ୍ରୋତ୍ସାହନ ରାଶି ପ୍ରଦାନ ଓ କ୍ଷତିପୂରଣ ପାଇଁ ଆଲୋଚନା କରିବେ ବୋଲି ପଟ୍ଟନାୟକ କହିଛନ୍ତି।

## ପିଏମ୍ ଆବାସ ଅନୁଦାନ ହଡ଼ପ ଘଟଣା: ତଦନ୍ତ ନିର୍ଦ୍ଦେଶ ଦେଲେ ବିଡିଓ

ମାଲକାନଗିରି, ୨୧ା୫ (ଦୁର୍ଯ୍ୟୋଧନ ପାତ୍ର)

କାଲିମେଲା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ ପାହାଡ ଉପରେ ଥିବା ସୀତାପାଲ୍ଲି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଘଟଣାର କାଲିମେଲା ବିଡିଓ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସୀତାପାଲ୍ଲି ଗ୍ରାମରେ ୧୫ ପରିବାର ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କର ପ୍ରାୟ ୪ ବର୍ଷ ତଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଜଣେ ଦଲାଲ ପଞ୍ଚାୟତ ଓ ବ୍ଲକର କେତେକ କର୍ମଚାରୀଙ୍କୁ ହାତକରି ଏହି ୭ ଜଣଙ୍କ ଘର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇ ଘର ନିର୍ମାଣ କରିଥିଲେ। କିନ୍ତୁ ୪ ବର୍ଷ ମଧ୍ୟରେ ଘରଟି ସମ୍ପୂର୍ଣ୍ଣ ନ କରି ଅଧାପନ୍ତରିଆ ଅବସ୍ଥାରେ ଛାଡି ଦେଇଛନ୍ତି। ତେବେ ଏ ସମ୍ପର୍କରେ ହିତାଧିକାରୀମାନେ ପଞ୍ଚାୟତ ଓ ବ୍ଲକରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନଥିଲା। ଘରଗୁଡିକ ସମ୍ପୂର୍ଣ୍ଣ ନ ହେବାରୁ ହିତାଧିକାରୀମାନେ ବାଉଁଶ ତାଟି ଦେଇ ଭିତରେ ରହୁଛନ୍ତି। ଏହି ଖବର କାଲିମେଲା ବିଡିଓ ଜାଣିବା ପରେ ସେ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଗୁଣିଗାରେଡ଼ି ସନ୍ଦେହରେ ମାଡ଼ ଘଟଣା: ୮ କୋର୍ଟ ଚାଲାଣ

ମାଲକାନଗିରି/ପଡିଆ, ୨୧ା୫ (ଦୁର୍ଯ୍ୟୋଧନ ପାତ୍ର/ଭାସ୍କର ରାଓ)

ମାଲକାନଗିରି ଜିଲା ଏମ୍‌ଭି ୭୯ ଥାନା ପଡ଼ିଆ ବ୍ଲକ୍ କାଲଧାପଲ୍ଲୀ ପଞ୍ଚାୟତ ତାଙ୍ଗୁଡ଼କୋଣ୍ଡା ଗ୍ରାମରେ ରବିବାର ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ଗାଁ କଙ୍ଗାରୁ କୋର୍ଟରେ ମାଡ଼ ମରାଯିବାରୁ ଗୁରୁତର ହୋଇଥିଲେ। ଯୁବକ ଜଣକ ହେଲେ ଚେନ୍‌ସା ମାଢ଼ି (୩୫)। ଏମ୍‌ଭି–୭୯ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୮୫/୨୪ରେ ମାମଲା ରୁଜୁ କରି ମଙ୍ଗଳବାର ୮ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ଭୀମ ମାଢ଼ି, ଗଙ୍ଗା କରମ, ଦେବ କରମ, ରାମ କରମ, ବୋଜ ମାଢ଼ି, ବୁଚା କରମା, ବେଟି ରାମ ଓ ଚିନା ମାଢ଼ି।

ପ୍ରକାଶ ଯେ, କିଛିଦିନ ପୂର୍ବେ ଗ୍ରାମବାସୀଙ୍କୁ ସ୍ୱପ୍ନ ହୋଇଥିଲା ଯେ, ଚେନ୍‌ସା ଗୁଣିଗାରେଡ଼ି କରୁଛନ୍ତି। ଏହାକୁ ନେଇ ଗ୍ରାମରେ କଙ୍ଗାରୁ କୋର୍ଟ ବସିଥିଲା। ସେଠାରେ ତାଙ୍କୁ ମାଡ଼ ମରାଯିବା ସହ ବେକରେ ରଶି ଲଗାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଇଥିଲା। ପରେ ତାଙ୍କୁ ଗ୍ରାମର କେତେଜଣ ଯୁବକ ନିକଟସ୍ଥ ନଦୀକୂଳକୁ ନେଇ ନିସ୍ତୁକ ମାଡ଼ ମାରି ଗୁରୁତର ଅବସ୍ଥାରେ ଘରେ ଆଣି ପକାଇଦେଇଥିଲେ। ଯଦି ଥାନା କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବ, ତେବେ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବେ ବୋଲି ଚେତାବନୀ ଦେଇଥିଲେ। ଗୁଣିଗାରେଡ଼ି ସନ୍ଦେହରେ ଗ୍ରାମର କେତେଜଣ ଯୁବକ ନିସ୍ତୁକ ମାଡ଼ ମାରିଥିବା ଖବର ଏମ୍‌ଭି ୭୯ ପୋଲିସ ଜାଣିପାରି ଗ୍ରାମରେ ପହଞ୍ଚି ଯୁବକଙ୍କୁ ଉଦ୍ଧାରକରି ଚିକିତ୍ସା କରିଥିଲା



ଗିରଫ ୮ ଅଭିଯୁକ୍ତ।

## ଶିଶୁଗୃହର କିଶୋରୀକିଶୋରଙ୍କୁ ନେଇ ପ୍ରଶିକ୍ଷଣ ଶିବିର

ମାଲକାନଗିରି, ୨୧ା୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଜିଲାରେ ଥିବା ସମସ୍ତ ପଞ୍ଜୀକୃତ ଶିଶୁଗୃହର କିଶୋରୀ ଓ କିଶୋରମାନଙ୍କୁ ନେଇ ଏକ କାର୍ଯ୍ୟ ନିର୍ବାହର ପନ୍ଥା ନିର୍ଦ୍ଧାରଣ ସମ୍ବନ୍ଧୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ପିଲାଙ୍କୁ ସାମିଲ କରାଯାଇ ସେମାନଙ୍କ ପାଇଁ ଥିବା ଉପଯୁକ୍ତ କାର୍ଯ୍ୟ ନିର୍ବାହର ପନ୍ଥା ଓ ବୃତ୍ତି ସମ୍ବନ୍ଧୀୟ ଧନ୍ଦାମୂଳକ ଶିକ୍ଷା ଉପରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଜିଲା ଶିଶୁ ମଙ୍ଗଳ ସମିତି ସଭାପତି ସଂଯୁକ୍ତା ପ୍ରଧାନ, ସରକାରୀ ପଲିଟେକ୍‌ନିକ୍ କଲେଜ ଓ ଆଇଟିଆଇ କଲେଜ୍ ଅଧକ୍ଷ ଓ ଜିଲା ନିଯୁକ୍ତି ଅଧିକାରୀ ଯୋଗଦେଇ ପିଲାମାନଙ୍କୁ ସହଜ ଉପଲବ୍ଧ ଧନ୍ଦା ମୂଳକ ଶିକ୍ଷା ଓ ଆତ୍ମ ନିର୍ଭରଶୀଳତା ଉପରେ ପରାମର୍ଶ ଦେଇଥିଲେ। ମାଲକାନଗିରି ଜିଲାରେ ଥିବା ତିନୋଟି ଶିଶୁ ଗୃହ ପରିବର୍ତ୍ତନ ମାଲକାନଗିରି, ନୀଳାଚଳ ଆଦିବାସୀ ସେବାଶ୍ରମ କୋରୁକୋଣ୍ଡା ଓ ଜୟ ଶିଶୁ ଗୃହର ୫୪ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ସୁଦେଷ୍ଣା ରାଉତ କାର୍ଯ୍ୟକ୍ରମଟିକୁ ଆୟୋଜନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ପିଲାମାନେ।

